

# ଓଡ଼ିଆ ଚଳଚ୍ଚିତ୍ରରେ ଶ୍ରୀଜଗନ୍ନାଥ

*ଲକ୍ଷ୍ମଣ କୁମାର ପରିଡ଼ା*

ଓଡ଼ିଶାର ଧର୍ମ କହିଲେ 'ଜଗନ୍ନାଥ ଧର୍ମ', ସଂସ୍କୃତି କହିଲେ, 'ଜଗନ୍ନାଥ ସଂସ୍କୃତି', ଇତିହାସ କହିଲେ, 'ଜଗନ୍ନାଥଙ୍କ ଇତିହାସ' । ଶ୍ରୀଜଗନ୍ନାଥ ହିଁ ଓଡ଼ିଶାର ସଂସ୍କୃତି ଓ ସାହିତ୍ୟର ପ୍ରାଣକେନ୍ଦ୍ର । ଏଣୁ ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଚଳଚ୍ଚିତ୍ର, ନୃତ୍ୟଗୀତ, ବିବାହ ବ୍ରତ, ପର୍ବପର୍ବାଣି, ଖାଦ୍ୟପେୟ, ସବୁଥିରେ ହିଁ ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଅନୁଭୂତ ହୋଇଥାଏ । ଏପରିକି ପ୍ରାଣ ଛାଡ଼ିବା ପୂର୍ବରୁ ମୁମୂର୍ଷୁ ବ୍ୟକ୍ତି ମୁକ୍ତିଲାଗି କଣିକାଏ ମାହାର୍ଦ ପାଇଁ ମଧ୍ୟ ଟାକି ରହିଥାଏ ।

ଚଳଚ୍ଚିତ୍ର ଏକ ଗଣମାଧ୍ୟମ । ନାଟକ ପରି ଦୃଶ୍ୟତ୍ୱ, ଶ୍ରାବ୍ୟତ୍ୱ ଓ ମନନତ୍ୱ ଚଳଚ୍ଚିତ୍ର ପାଇଁ ନିହାତି ଆବଶ୍ୟକ । ଚଳଚ୍ଚିତ୍ରକୁ ଦୃଶ୍ୟକାବ୍ୟ କହିଲେ ଅତିରଞ୍ଜିତ ହେବ ନାହିଁ । ଚଳଚ୍ଚିତ୍ରରେ ନାୟକ ନାୟିକାଙ୍କର ନାଟକ ପରି ବାସ୍ତବ ରୂପ ଦେଖିବାକୁ ମିଳେ ନାହିଁ, ମିଳେ ଛାୟାରୂପ । ଏହି ଚଳଚ୍ଚିତ୍ରମାନଙ୍କରେ ଦେଶର ସଂସ୍କୃତି, ସାମାଜିକ ଜୀବନ, ଲୋକଙ୍କର ଚଳଣି, ଚାହାଣି, ଦେବଦେବୀ, ଖାଦ୍ୟପେୟ, ପର୍ବପର୍ବାଣି, ନୃତ୍ୟଗୀତ, ଆଦବ କାୟେଦା ପ୍ରଭୃତି ପ୍ରତିଫଳିତ ହୋଇଥାଏ ।

ଓଡ଼ିଆ ଚଳଚ୍ଚିତ୍ରରେ ଓଡ଼ିଶାର ରାଷ୍ଟ୍ରଦେବତା ଶ୍ରୀଜଗନ୍ନାଥଙ୍କୁ ବାଦ ଦିଅନ୍ତା ବା କିପରି ? ଓଡ଼ିଆ ସଂସ୍କୃତିର ଗର୍ବଗୌରବ, ଓଡ଼ିଆ ଜାତୀୟତାର ପ୍ରତୀକ, ଶ୍ରୀଜଗନ୍ନାଥଙ୍କ ପ୍ରଭାବ ଚଳଚ୍ଚିତ୍ରରେ ମଧ୍ୟ ଅନୁଭୂତ ହୁଏ ।

ଶ୍ରୀଜଗନ୍ନାଥଙ୍କ ବିନା ଓଡ଼ିଆ ସାହିତ୍ୟର ସ୍ଥିତି ନାହିଁ କି ଭିତ୍ତି ବି ନାହିଁ । ଆଦିକବି ସାରଳା ଦାସ, ଶେଖର ଦାସ, କୃଷ୍ଣ ଦାସ, ଦାମ ଦାସ, ମାଗୁଣିଆ ଦାସ, ନୀଳାମ୍ବର ଦାସ ପ୍ରଭୃତି ମୁଖ୍ୟତଃ ନୀଳମାଧବ ଓ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟାୟିକାକୁ ସେମାନଙ୍କ ଦେଉଳ ତୋଳାରେ ରୂପ ଦେଇଛନ୍ତି । ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ' ମଧ୍ୟ ଶ୍ରୀଜଗନ୍ନାଥ ଭିତ୍ତିକ । ଜଗନ୍ନାଥ ଦାସଙ୍କ 'ଦାରୁବ୍ରହ୍ମ ଗୀତା'ରେ ମଧ୍ୟ ନୀଳମାଧବ ଓ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟାନ ବର୍ଣ୍ଣନା କରନ୍ତି । ପୁରୁଷୋତ୍ତମ ଦେବଙ୍କ ଐତିହାସିକ 'କାଞ୍ଚି ଅଭିଯାନ' ମୂଳରେ ଇତିହାସ ସହିତ କିମ୍ବଦନ୍ତୀ ଲହଡ଼ାମାରେ । 'ଦାର୍ଢ୍ୟତା ଭକ୍ତି' ବିଭିନ୍ନ ଜଗନ୍ନାଥ ଭକ୍ତଙ୍କ ନାମ ଉଲ୍ଲେଖ କରେ । ଓଡ଼ିଆ ଚଳଚ୍ଚିତ୍ର ଏ ସମସ୍ତରୁ ଉପାଦାନ ସଂଗ୍ରହ କରି ଚଳଚ୍ଚିତ୍ର ନିର୍ମାଣ କରେ ।

ଓଡ଼ିଆରେ ପ୍ରଥମ ଚଳଚ୍ଚିତ୍ର 'ସୀତା ବିବାହ' । ଏହି ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ପ୍ରସ୍ତୁତି ପାଇଁ ଶ୍ରୀମୋହନ ସୁନ୍ଦରଦେବ ଗୋସ୍ୱାମୀଙ୍କର ଯତ୍ନ ଓ ଉଦ୍ୟମ ଏ ଜାତିର ଗୌରବ ବୃଦ୍ଧି କରିଥିଲା । ସୀତା ବିବାହର ପନ୍ଦର ବର୍ଷ ପରେ ଅର୍ଥାତ୍ ୧୯୪୯ରେ 'ଲଳିତା' ଚଳଚ୍ଚିତ୍ର ଆତ୍ମପ୍ରକାଶ କରେ ।

'ଲଳିତା' ଚଳଚ୍ଚିତ୍ର ନୀଳମାଧବ କିମ୍ବଦନ୍ତୀ ଓ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟାୟିକା ଉପରେ ଆଧାରିତ । ଏଥିରେ ଲଳିତା ଚରିତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଲଳିତା ବିଶ୍ୱାବସୁ ଓ ବିଦ୍ୟାପତିଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରି ବିଦ୍ୟାପତିଙ୍କୁ ନୀଳମାଧବ ଦର୍ଶନରେ ସହାୟକ ହୋଇଛି । ଇନ୍ଦ୍ରଦ୍ୟୁମ୍ନଙ୍କର ବିଷ୍ଣୁମୂର୍ତ୍ତି ଅନ୍ୱେଷଣ, ମନ୍ଦିର ସ୍ଥାପନ ଓ ଦାରୁମୂର୍ତ୍ତି ପୂଜନାଦି ପୌରାଣିକ ଆଖ୍ୟାନ ଏଥିରେ ଗ୍ରଥିତ । ଏହି ଆଖ୍ୟାନ ସଂସ୍କୃତ ବ୍ରହ୍ମସ୍କନ୍ଦ, ପଦ୍ମପୁରାଣ ଓ ଓଡ଼ିଆ ପୁରାଣମାନଙ୍କରେ ବର୍ଣ୍ଣିତ ।

ଏହାପରେ ୧୯୫୦ ମସିହାରେ ମୁକ୍ତିଲାଭ କରିଛି 'ଶ୍ରୀଜଗନ୍ନାଥ' । ଏହା ସମ୍ପୂର୍ଣ୍ଣ ଜଗନ୍ନାଥଭିତ୍ତିକ । ପୌରାଣିକ କିମ୍ବଦନ୍ତୀ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ତତ୍ତ୍ୱ ଉପରେ ଆଧାରିତ ।

'ଜୟଦେବ' ଚଳଚ୍ଚିତ୍ର ୧୯୬୩ ମସିହାରେ । ସ୍ୱର୍ଗୀୟ କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ନାଟକ 'ଜୟଦେବ' ଦେଖି ପରମପ୍ରୀତି ଲାଭ ପରେ ଶ୍ରୀ କୈଲ୍ୟାସ ଗୁପ୍ତ ଏହାକୁ ଚିତ୍ରନାଟ୍ୟ ରୂପ ଦେଇଥିଲେ । ଏହା ଜୟଦେବଙ୍କ ଜୀବନୀ ଉପରେ ଆଧାରିତ । ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ପାଠକୁ ଭିତ୍ତିକରି ଏହା ଗଢ଼ି ଉଠିଛି । 'ଅଭିନବ ଗୀତଗୋବିନ୍ଦ' ଅପେକ୍ଷା ଗୀତିଗୋବିନ୍ଦରେ ପ୍ରୀତି ଶ୍ରୀଜଗନ୍ନାଥଙ୍କର ଅଧିକ । ରାଜା ମନ୍ଦିରରୁ ଗୀତଗୋବିନ୍ଦ ଉଠାଇ ତା' ସ୍ଥାନରେ 'ଅଭିନବ ଗୀତଗୋବିନ୍ଦ' ପ୍ରଚଳନ କରାଇଥିଲେ । ମାତ୍ର ଶ୍ରୀଜଗନ୍ନାଥଙ୍କ ସ୍ୱପ୍ନାଦେଶ ଯୋଗୁଁ, ତାହା ପୁନଃ ପ୍ରଚଳିତ ହେଲା । ଏହି ଚଳଚ୍ଚିତ୍ରରେ ଏଗାରଟି ଗୀତ ସ୍ଥାନ ପାଇଥିଲା । ଏହା ଏକ ଗୀତବହୁଳ ଚଳଚ୍ଚିତ୍ର ରୂପେ ପରିଚିତ ହୋଇଥିଲା ।

୧୯୬୭ ମସିହାରେ ମୁକ୍ତିଲାଭ କରିଥିଲା ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ 'ପତିତପାବନ' ନାଟକ । ଏଥିରେ ପୁରୀରେ ବହୁ ଯାନିଯାତ୍ରା, ସ୍ଥାନୀୟ ପ୍ରକୃତି ଚିତ୍ର ସ୍ଥାନ ପାଇଥିଲା । ଏଥିରେ ସନ୍ନିବିଷ୍ଟ କାହାଣୀ ଉପଭୋଗ୍ୟ କରାଯାଇ ନଥିବାରୁ ଚିତ୍ରଟି ଦର୍ଶକମାନଙ୍କର ମନୋରଞ୍ଜନ କରିପାରିନଥିଲା ।

'ବନ୍ଧୁ ମହାନ୍ତି' ୧୯୭୭ ମସିହାରେ ମୁକ୍ତିଲାଭ କରିଥିଲା । ଏହା 'ଦାର୍ଢ୍ୟତା ଭକ୍ତି' କଥାବସ୍ତୁକୁ ନେଇ ରଚିତ । ରଘୁ ଅରକ୍ଷିତଙ୍କ ଶ୍ରୀଜଗନ୍ନାଥଙ୍କ ପ୍ରତି ଅଚଳା ଭକ୍ତି ଓ ଶ୍ରୀଜଗନ୍ନାଥଙ୍କର ଅଲୌକିକ ମହିମା ଏଥିରେ ବର୍ଣ୍ଣିତ । ଏହା ରଘୁ ଅରକ୍ଷିତଙ୍କ ଜୀବନୀ ଉପରେ ଆଧାରିତ ।

୧୯୭୯ ମସିହାର 'ଶ୍ରୀଜଗନ୍ନାଥ' ଶ୍ରୀକାନ୍ତି କୁମାରଙ୍କ ପ୍ରଯୋଜନାରେ ମୁକ୍ତିଲାଭ କରିଥିଲା । ଶ୍ରୀଜଗନ୍ନାଥ ନାମରେ ଏକ ସର୍ବାଙ୍ଗ ସୁନ୍ଦର ଚିତ୍ର ୧୯୫୦ ମସିହାରେ ପ୍ରସ୍ତୁତ ହୋଇଥିଲା । ତାହାପରେ ନିର୍ମିତ ହେଲା 'ପତିତପାବନ' ଓ 'ନୀଳମାଧବ' । ଶ୍ରୀଜଗନ୍ନାଥଙ୍କ କାହାଣୀକୁ ଭିତ୍ତିକରି ଅନେକ ଚିତ୍ର ପ୍ରସ୍ତୁତ ହୋଇଥିଲେ ହେଁ ଶ୍ରୀକାନ୍ତ କୁମାର କାହିଁକି ସେହି ସମ୍ବନ୍ଧୀୟ ଅନ୍ୟ ଏକ ଚିତ୍ର ପ୍ରସ୍ତୁତ କଲେ ତାହା ଅଜଣା । ବୋଧହୁଏ ଶ୍ରୀଜଗନ୍ନାଥଙ୍କ ପ୍ରତି ଅଟଳ ଭକ୍ତି ଥିବାରୁ ସେ ପୁନର୍ବାର ଶ୍ରୀଜଗନ୍ନାଥ ନାମକ ଅନ୍ୟ ଏକ ଚିତ୍ର ନିର୍ମାଣ କଲେ ।

'ନୀଳମାଧବ' ଚଳଚ୍ଚିତ୍ରଟି ୧୯୭୯ ମସିହାରେ ମୁକ୍ତିଲାଭ କରିଥିଲା । ଏହାର ବିଷୟବସ୍ତୁ ନୀଳମାଧବ ଆଖ୍ୟାୟିକା ଓ ଇନ୍ଦ୍ରଦ୍ୟୁମ୍ନ ବିଷୟବସ୍ତୁ ଉପରେ ପ୍ରତିଷ୍ଠିତ । ନୀଳମାଧବ ଅନ୍ତର୍ଦ୍ଧାନ ହେଲାପରେ ଦାରୁରୂପେ ଶ୍ରୀଜଗନ୍ନାଥଙ୍କ ବିଗ୍ରହର ଆବିର୍ଭାବ ଓ ଇନ୍ଦ୍ରଦ୍ୟୁମ୍ନଙ୍କ ମନ୍ଦିର ନିର୍ମାଣ ଓ ଦେବବିଗ୍ରହର ପ୍ରତିଷ୍ଠା ଆଦି ଏହାର ଅନ୍ତର୍ଭୁକ୍ତ ।

'ମହାଲକ୍ଷ୍ମୀ ପୂଜା' ୧୯୫୯ ମସିହାରେ ପ୍ରସ୍ତୁତ ହୋଇଥିଲା । ଏହାର କଥାବସ୍ତୁ ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଉପରେ ଆଧାରିତ। ଶ୍ରୀୟା ଚଣ୍ଡାଳୁଣୀର ପବିତ୍ରତା ଓ ମହାଲକ୍ଷ୍ମୀ ପୂଜାରେ ମହାଲକ୍ଷ୍ମୀ ସନ୍ତୁଷ୍ଟ ହୋଇ ତାର ପୂଜା ଗ୍ରହଣ କରିଛନ୍ତି । ଏଥିଯୋଗୁଁ ଜଗନ୍ନାଥ ଲକ୍ଷ୍ମୀଙ୍କୁ ଛାଡ଼ିଛନ୍ତି । ଲକ୍ଷ୍ମୀଛଡ଼ା ଶ୍ରୀଜଗନ୍ନାଥଙ୍କ ଦୁର୍ଦ୍ଦଶା ଏଥିରେ ବର୍ଣ୍ଣିତ ହୋଇଛି । ପରିଶେଷରେ ଲକ୍ଷ୍ମୀଙ୍କଦ୍ୱାରା ପରାସ୍ତ ହୋଇ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ତାଙ୍କର ଶରଣାପନ୍ନ ହୋଇଛନ୍ତି । ଆଚାଣ୍ଡାଳ ବ୍ରାହ୍ମଣ ମହାପ୍ରସାଦ ସେବନ କରି, ଜଳରେ ହସ୍ତ ନଧୋଇ ମୁଣ୍ଡରେ ପୋଛିବେ - ଏ ସର୍ତ୍ତରେ ଦୁଇଭାଇ ରାଜି ହେବାରୁ ମହାଲକ୍ଷ୍ମୀ ମନ୍ଦିରକୁ ବିଜେ କରିଛନ୍ତି ।

'ଭକ୍ତ ସାଲବେଗ' ଦାର୍ଢ୍ୟତା ଭକ୍ତି କଥା ଉପରେ ପ୍ରତିଷ୍ଠିତ । ଚଳଚ୍ଚିତ୍ରଟି ସାଲବେଗଙ୍କ ଜୀବନୀକୁ ଭିତ୍ତିକରି ଗଢ଼ି ଉଠିଛି । ଏହା ଏକ ସଙ୍ଗୀତବହୁଳ ଚଳଚ୍ଚିତ୍ର । ଏଥିରେ ସାଲବେଗଙ୍କ ଶ୍ରୀଜଗନ୍ନାଥ ସମ୍ବନ୍ଧୀୟ ଅନେକ ଭଜନ ସ୍ଥାନ ପାଇଛି । ଶ୍ରୀଜଗନ୍ନାଥଙ୍କର ଅଲୌକିକତା ଓ ମହିମାର ବିଶେଷତ୍ୱ ଦର୍ଶାଇବା ଏହି ଚଳଚ୍ଚିତ୍ରର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ ସାଲବେଗଙ୍କ ମା'ର ଜଗନ୍ନାଥ ଭକ୍ତି ସ୍ମରଣୀୟ ।

ଏଥିରେ କାହାଣୀ ଓ ସଂଳାପ - ଶ୍ରୀ ବ୍ୟୋମକେଶ ତ୍ରିପାଠୀ, ନିର୍ଦ୍ଦେଶକ- ଶ୍ରୀ ରାଧା ପଣ୍ଡା, ଚିତ୍ରନାଟ୍ୟ - ପ୍ରୟାଗ ରାଜବଶ୍ମ, ଚିତ୍ରଗ୍ରହଣ - ଶ୍ରୀ ଶ୍ରୀନିବାସ ମହାପାତ୍ର, ସଙ୍ଗୀତ - ଶ୍ରୀ ଭୁବନେଶ୍ୱର ମିଶ୍ର, ପରିଚାଳନା - ଶ୍ରୀ ସୂର୍ଯ୍ୟ ନାରାୟଣ ମହାନ୍ତି, ରୂପାୟନରେ - ଉତ୍ତମ ମହାନ୍ତି, ଅପରାଜିତା, ଅନିତା ଦାସ, ବିରେନ୍ ରାଉତରାୟ, ବ୍ୟୋମକେଶ ତ୍ରିପାଠୀ, ଜୟୀ ସାମଲ, ରାଧା ପଣ୍ଡା, ଶରତ ପୂଜାରୀ ପ୍ରଭୃତି । ଉଲ୍ଲେଖନୀୟ ଯେ ଏହି ଚଳଚ୍ଚିତ୍ରରେ ଶ୍ରେଷ୍ଠ ସଂଳାପ ଯୋଗୁଁ ଶ୍ରୀ ବ୍ୟୋମକେଶ ତ୍ରିପାଠୀ ଓ ଅନ୍ୟମାନେ ପୁରସ୍କୃତ ହୋଇଥିଲେ ।

ଅନ୍ୟ କେତେକ ଚଳଚ୍ଚିତ୍ରର ମଝିରେ ମଝିରେ ବନ୍ଦନା, ବନ୍ଦନା ଅର୍ଚ୍ଚନା ମଧ୍ୟରେ ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ସ୍ଥାନ ଦିଆଯାଇଛି ।

ବର୍ତ୍ତମାନ ଧାରାବାହିକର ଯୁଗ । ଏ ଯୁଗରେ ବହୁଦିନ ବ୍ୟାପି ଚଳଚ୍ଚିତ୍ର ଧାରାବାହିକ ରୂପେ ରୂପେଲି ପର୍ଦ୍ଦାରେ ଦେଖାଯାଉଛି । 'ଶ୍ରୀଜଗନ୍ନାଥ' ଏହିପରି ଏକ ଧାରାବାହିକ । ଏଥିରେ ନୀଳମାଧବ ଓ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟାନକୁ ଭିତ୍ତିକରି 'ଶ୍ରୀଜଗନ୍ନାଥ' ଧାରାବାହିକଟି ଦୂରଦର୍ଶନରେ ପ୍ରଦର୍ଶିତ ହେଉଥିଲା । ଏହା ସମ୍ପୂର୍ଣ୍ଣ ରୂପେ ଜଗନ୍ନାଥଭିତ୍ତିକ । ପରଦେଶୀ ଚଢ଼େଇ, ଯାହାକୁ ରଖିବେ ଅନନ୍ତ, ଠାକୁର ଅଛନ୍ତି ଚଉବାହାକୁ, ଆସୁଛି ମୋ କାଳିଆ ସୁନା, ଜଗା ହାତରେ ପଘା, ପାଟେରୀ ଉଠିଲା ମଝି ଦୁଆରୁ, ଶାଶୁ ହାତକଡ଼ି, ଭାଉଜ ବେଡ଼ି, ଲକ୍ଷ୍ମଣ ରେଖା, କଳାମାଣିକ, ଦଇବ ଦଉଡ଼ି, କାହ୍ନା, ପଥର ଖସିଲା ବଡ଼ ଦେଉଳୁ, ସୁନା ପଞ୍ଜୁରୀ, ସୁନା ସଂସାର ପ୍ରଭୃତି ଚଳଚ୍ଚିତ୍ରରେ ଶ୍ରୀଜଗନ୍ନାଥ ସ୍ଥାନ ପାଇ ପୂଜିତ, ବନ୍ଦିତ ହୋଇଛନ୍ତି । ଘଟଣା ପରିବର୍ତ୍ତନ ଭଳି, ଭାଗ୍ୟ ନିୟନ୍ତ୍ରଣ, ଅଭିଳାଷ ପୂରଣ ନିମିତ୍ତ ଶ୍ରୀଜଗନ୍ନାଥ ଏଗୁଡ଼ିକରେ ସ୍ଥାନ ପାଇଛନ୍ତି ।

'ସକାଳର ଅପେକ୍ଷାରେ', 'ଏଇ ଜୀବନଟା ଏକ ନାଟକ', 'ଫିକା ଫଗୁଣ' ଓ 'କହୁଥିଲେ ସରିବନି' ଆଦି ଧାରାବାହିକରେ ଶ୍ରୀଜଗନ୍ନାଥଙ୍କ ମାହାତ୍ମ୍ୟ ପରିବେଷିତ ହେଉଛି । ଦୂରଦର୍ଶନରେ ମଧ୍ୟ ରଥଯାତ୍ରା ସିଧାସଳଖ ପ୍ରସାରଣ ହେଉଛି । ଏସବୁରୁ ଶ୍ରୀଜଗନ୍ନାଥଙ୍କ ବଳିଷ୍ଠ ପ୍ରଭାବ କିପରି ଚଳଚ୍ଚିତ୍ର ଜଗତରେ ପଡ଼ିଛି, ତାହା ସହଜରେ ଅନୁମିତ ହୁଏ ।

*(ଲେଖକଙ୍କ ରଚିତ ଓ ନିଶାମଣି ପ୍ରକାଶନୀ, ଭୁବନେଶ୍ୱରଙ୍କଦ୍ୱାରା ପ୍ରକାଶିତ 'ଶ୍ରୀଜଗନ୍ନାଥ ଓ ଓଡ଼ିଆ ସାହିତ୍ୟ' ପୁସ୍ତକରୁ ଉଦ୍ଧୃତ ।)*

*ପୂର୍ବତନ ଅଧକ୍ଷ*
*କବିସମ୍ରାଟ ଉପେନ୍ଦ୍ରଭଂଜ କଲେଜ, ଭଂଜନଗର*